ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୭ ଅକ୍ଟୋବର, ୨୦୧୮

ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା

ଅତାବିରା, ୨୬।୧୦ (ଡି.ଏନ.ଏ)

ବରଗଡ ଜିଲା ଅତାବିରା ବ୍ଲକ ଗୋଡଭଗା ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଛି । ଆତ୍ମା ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମେଳାରେ ହସ୍ତତନ୍ତ ଓ ବୟନ ଶିଳ୍ପମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, କୃଷି ଉପ ନିର୍ଦ୍ଦେଶକ ଦୀନବନ୍ଧୁ ଗାନ୍ଧୀ, ଡିଓ ପ୍ରଶନ୍ନ ମହାପାତ୍ର, କୃଷି ବୈଜ୍ଞାନିକ ଅନୀଲ ସ୍ୱାଇଁ, ନୃସିଂହନାଥ ବାରିକ, ସମ୍ବଲପୁର ଦୁଗ୍ଧ ସଂଘ ଜିଏମ କେ. ନାରାୟଣ ମୂର୍ତ୍ତି, ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରଣବ ପଟ୍ଟନାୟକ, ମତ୍ସ୍ୟ ଅଧିକାରୀ କିରଣ ଦାଶ, ବ୍ଲକ ଅଧ୍ୟକ୍ଷା ରୀତା ସାହୁ, ବ୍ଲକ କୃଷି ଅଧିକାରୀ ମାନିନୀ ଭୋଇ, ପ୍ରମୋଦିନୀ ପ୍ରଧାନ, ଅଶ୍ୱିନୀ ଗୁଲଜର, ଯନ୍ତ୍ରୀ ସଞ୍ଜୀବ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସେପ୍ଟେମ୍ବର ମାସ ୧ତାରିଖ ଠାରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ଉନ୍ନତମାନ ଦୁଗ୍ଧ ଯୋଗାଉଥିବା ଚାଷୀମାନଙ୍କୁ ସରକାର ଲିଟର ପିଛା ୧ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ, ୪ମାସର ବାଛୁରୀ ମାନଙ୍କୁ ୨ବର୍ଷ ପର୍ଯ୍ୟନ୍ତ ସବସିଡିରେ ବାଛୁରୀ ଦାନା ଯୋଗାଣ, ୧ଏକର ଘାସ ଚାଷ ପାଇଁ ୬ହଜାର ଟଙ୍କା ପ୍ରୋତ୍ସାହନ ରାଶି ସହ ବରଗଡ ବ୍ଲକ ପ୍ରଧାନଟିକ୍ରା, ଭେଡେନ ବ୍ଲକ ପପଙ୍ଗା, ଭେଡେନ ଓ ଅମ୍ବାଭୋନା ବ୍ଲକ କଣ୍ଡପଳାଠାରେ ଦୁଗ୍ଧ ଶୀତଳ ଭଣ୍ଡାର ନିର୍ମାଣ କରିବା ପାଇଁ ବ୍ୟୟ ବରାଦ ହୋଇଥିବା ସମ୍ବଲପୁର ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ସଂଘର ସାଧାରଣ ପରିଚାଳକ କେ. ନାରାୟଣ ମୂର୍ତ୍ତି ନିଜ ବକ୍ତବ୍ୟରେ କହିଥିଲେ ।

ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳାରେ ମଞ୍ଚାସୀନ ଅତିଥିବୃନ୍ଦ ।